## ତହସିଲଦାରଙ୍କ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି
## OFFICE OF THE TAHASILDAR, PARALAKHEMUNDI, GAJAPATI

**No. : 4173 /** **Date: 23/09/2022**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପାରଳାଖେମୁଣ୍ଡି ତହସିଲ ଅନ୍ତର୍ଗତ ନିମ୍ନଲିଖିତ ସୈରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ)ଗୁଡିକୁ ଆସନ୍ତା ୫(ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘ ମିଆଦି ଲିଜ୍ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିବିଶେଷଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଲିଜରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ, ଉକ୍ତ ଉତ୍ସକୁ ପରିଦର୍ଶନ କରି ଏହାର ପରିଚାଳନା ପାଇଁ ଗମନା ଗମନର ସୁବିଧା, ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସୁଯୋଗ ସମ୍ପର୍କରେ ପର୍ଯ୍ୟବେକ୍ଷଣ କରିବା ପରେ ଆବେଦନ କରିବା ଆବଶ୍ୟକ । ଲିଜ ନେବାପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବନାହିଁ, ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଇଚ୍ଛୁକ ବ୍ୟକ୍ତି ବିଶେଷ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ 2016(OMMC Rules, 2016) ରେ ବର୍ଣ୍ଣିତ ଫର୍ମ-ଏମ୍ (Form-M) ତିନିକିତା ପୂରଣ କରି ତତ ସହିତ ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରି ଶିଲମୋହର ଲଫାପାରେ ତହସିଲ କାର୍ଯ୍ୟାଳୟରେ ରକ୍ଷିତ ଟେଣ୍ଡର ଡ୍ରପ ବକ୍ସରେ ଆସନ୍ତା ତା.୨୬.୦୯.୨୦୨୨ରିଖ ଠାରୁ ତା.୨୦.୧୦.୨୦୨୨ରିଖ ମଧ୍ୟରେ କାର୍ଯ୍ୟଦିବସର ସମୟ ନିର୍ଘଣ୍ଟ ସନ୍ଧ୍ୟା ଘ.୫.୩୦ମି. ମଧ୍ୟରେ ଦାଖଲ କରିବେ ଅଥବା ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ ଆବେଦନ କରିପାରିବେ (ଲଫାପା ଉପରେ ସୈରାତ ଉତ୍ସର ନାମ ଲେଖିଥିବା ଆବଶ୍ୟକ) । ଧାର୍ଯ୍ୟ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡିକୁ ବିଚାରକୁ ନିଆଯିବ ନାହିଁ । ଲଫାପା ଉପରେ ଦରଖାସ୍ତ କରୁଥିବା ସୈରାତ ଉତ୍ସର ନାମ ଏବଂ ଦରଖାସ୍ତକାରୀଙ୍କ ନାମ, ଠିକଣା ଯୋଗାଯୋଗ ନମ୍ବର ଲେଖିବା ଆବଶ୍ୟକ । ତା.୨୧.୧୦.୨୦୨୨ରିଖ ସନ୍ଧ୍ୟା ଘ.୦୪.୦୦ମି ସମୟେ ପାରଳାଖେମୁଣ୍ଡି ତହସିଲ କାର୍ଯ୍ୟାଳୟରେ ଆବେଦନ କରିଥିବା ଦରଖାସ୍ତଗୁଡ଼ିକୁ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ଅଧିକୃତ ପ୍ରତିନିଧିଙ୍କ ଉପସ୍ଥିତିରେ ତନଖି କରାଯିବ ଏବଂ OMMC Rules, 2016 ଏବଂ OMMC (Ammendment Rules, 2018 and 2022) ଅନୁଯାୟୀ ସମସ୍ତ ସର୍ତ୍ତାବଳୀକୁ ପୂରଣ କରୁଥିବା ଦରଖାସ୍ତଗୁଡିକୁ ବିଚାରକୁ ନିଆଯାଇ ତନ୍ମଧ୍ୟରୁ ସର୍ବୋଚ୍ଚ ଅତିରିକ୍ତ ଦେୟ ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କ ସମପକ୍ଷରେ ନିଲାମ ମଞ୍ଜୁର କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡିକୁ ବାତିଲ କରିଦିଆଯିବ । ଯଦି ୧ ରୁ ଅଧିକ ଆବେଦନକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥିବେ, ତେବେ ଲଟେରୀ ମାଧ୍ୟମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଟେଣ୍ଡର ନିଲାମ ନିମନ୍ତେ ସମସ୍ତ ସର୍ତ୍ତାବଳି ତହସିଲ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ଏବଂ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ୱେବସାଇଟ www.gajapati.nic.inରେ ଉପଲବ୍ଧ ହେବ । କୌଣସି କାରଣ ନଦର୍ଶାଇ ନିଲାମ ଖାରଜ କିମ୍ବା ସ୍ଥଗିତ/ରଦ୍ଦ କରିବାର ଅଧିକାର କର୍ତ୍ତୃପକ୍ଷଙ୍କର ରହିଛି ।

**ଦରଖାସ୍ତ ସହିତ ଦାଖଲ କରିବାକୁ ଥିବା ଦସ୍ତାବିଜ:**

୧. ଦରଖାସ୍ତ ପାଉଣା ବାବଦକୁ ଟ.୧୦୦୦/-ଙ୍କା (ଏକ ହଜାର ଟଙ୍କା) ଅଣଫେରନ୍ତ ଟ୍ରେଜରି ଚାଲାଣ (Head of Account : 0853- Non Ferrous Mining and Metallurgical Industries-102-Mineral Concession Fees Rents and Royalties).

୨. ଦରଖାସ୍ତକାରୀ ଆବେଦନ କରୁଥିବା ସୈରାତ ଉତ୍ସର RoR, Trace Map, Land Schedule ନକଲ ସଂଲଗ୍ନ କରିବେ ।

୩. ଓଡ଼ିଶା ସରକାରଙ୍କ ସୈରାତ ଉତ୍ସ ବାବଦୀୟ କୌଣସି ବକେୟା ଅର୍ଥ ନଥିବା/କଳା ତାଲିକାଭୁକ୍ତ ହୋଇନଥିବା ସମ୍ବନ୍ଧୀୟ ସତ୍ୟପାଠ ଦାଖଲ କରିବେ ଏବଂ ଯଦି ଓଡ଼ିଶାର ଅନ୍ୟ କୌଣସି ସୈରାତ ଉତ୍ସ ନିଜ ନାମରେ ଥିବ ତାହାର ବିବରଣୀ ସଂଲଗ୍ନ କରିବେ ।

୪. ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ବିଜ୍ଞପ୍ତି ନଂ. PTI-RDM-MMS-MEET-0002-2019-12160/R&D.M. ତା.୧୯.୦୪.୨୦୨୨ରିଖ ଅନୁଯାୟୀ ଆବେଦନକାରୀ ବିଗତ ବର୍ଷର ଆୟକର ରିଟର୍ନ କିମ୍ବା ବ୍ୟାଙ୍କ ଗ୍ୟାରେଣ୍ଟି (ଯାହାକି ୧୮ ମାସ ପର୍ଯ୍ୟନ୍ତ ବୈଧ ଥିବ) ଯାହାର ମୂଲ୍ୟ ବାର୍ଷିକ ସର୍ବନିମ୍ନ ମୂଲ୍ୟ ସ୍ଥିରୀକୃତ ହୋଇଥିବା ଲଘୁଖଣିଜ ପଦାର୍ଥ ଅନୁସାରେ ଉପରୋକ୍ତ ରୟାଲଟି ଓ ପ୍ରଦାନ କରୁଥିବା ଅତିରିକ୍ତ ଦେୟର ମୂଲ୍ୟ ଠାରୁ କମ୍ ହୋଇନଥିବ । ଯଥା :-MGQ x (Royalty + Additional Charge offered) ଦାଖଲ କରିବାକୁ ହେବ ।

୫. ନିଲାମ ନୋଟିସ ମଧ୍ୟରେ ଉଲ୍ଲେଖ କରିଥିବା ସୈରାତ ଉତ୍ସର ଏକ ବର୍ଷ ପାଇଁ ନିଶ୍ଚିତ ପରିମାଣର ରୟାଲିଟି ଏବଂ Additional Chargesର ୫% Demand Draft ଜରିଆରେ ତହସିଲଦାର, ପାରଳାଖେମୁଣ୍ଡିଙ୍କ ନାମରେ ଅମାନତ ରାଶି Form-M ସହ ସଂଲଗ୍ନ କରିବେ ଏବଂ ମନୋନୀତ ଲିଜ ଧାରି ୧୫ ଦିନ ମଧ୍ୟରେ OMMC Rule-2016 ରୁଲ ୨୭ର ଉପଧାରା ୭ ଅନୁଯାୟୀ ବଳକା ଅମାନତ ରାଶି ପୈଠ କରିବେ ।

୬. ଅନ୍ୟାନ୍ୟ ଆବଶ୍ୟକ ତଥ୍ୟର ବିବରଣୀ ଯଥା ବୈଷୟିକ ଜ୍ଞାନ, ଦକ୍ଷତା, ନିଜର ଉପଲବ୍ଧ ଥିବା ଯନ୍ତ୍ରପାତି ଓ ଆର୍ଥିକ ଅବସ୍ଥା ସମ୍ବନ୍ଧୀୟ ଇତ୍ୟାଦି ତଥ୍ୟ ସମସ୍ତ ଦସ୍ତାବିଜଗୁଡ଼ିକର ନିଲାମଧାରୀଙ୍କ ହସ୍ତାକ୍ଷର ବା ଟିପଚିହ୍ନ ସହ Form-M ରେ ଉପରୋକ୍ତ କ୍ରମ ପ୍ରକାରେ କ୍ରମାନୁସାରେ ସଂଲଗ୍ନ କରାଯିବା ଜରୁରୀ ।

୭. ଆବେଦନକାରୀ ନିଜର ଭୋଟ ପରିଚୟ ପତ୍ର, ଆଧାର କାର୍ଡ, ପାନ କାର୍ଡ ସଂଲଗ୍ନ କରିବେ ।

୮. ଆବେଦନକାରୀ ବୈଧ GST Registration Certificate ର ଅବିକଳ ନକଲ ଦାଖଲ କରିବେ । ଆବେଦନକାରୀ GST ବାବଦୀୟ କୌଣସି ବକେୟା ଅର୍ଥ ନଥିବାର Certificate GST Jurisdictional Officer ଙ୍କ ଠାରୁ ପ୍ରାପ୍ତ କରି ଦାଖଲ କରିବେ । ଆବେଦନକାରୀ ଯଦି ବୈଧ GST Registration Certificate ଦାଖଲ କରିନଥିବେ ତେବେ ଦରଖାସ୍ତ ନାକଚ କରାଯିବ ।

୯. ଦରଖାସ୍ତକାରୀ କୌଣସି ସୈରାତ ଉତ୍ସ ନିମନ୍ତେ ଆବେଦନ କରିବା ପୂର୍ବରୁ ଉକ୍ତ ଉତ୍ସକୁ ପରିଦର୍ଶନ କରିଥିବାର ଏବଂ ଲଘୁ ଖଣିଜ ଦ୍ରବ୍ୟ ଗଚ୍ଛିତ ଥିବା ଓ ଯାତାୟାତ ନିମନ୍ତେ କୌଣସି ଅସୁବିଧା ନଥିବା ଉପଲବ୍ଧି କରିବାର ଏକ ସ୍ୱଘୋଷିତ ଲିଖିତନାମା (Self declaration) ଦାଖଲ କରିବେ ।

୧୦. ଦରଖାସ୍ତକାରୀ ସୈରାତ ଉତ୍ସର Mining Plan Preparation, EC Preparation ଏବଂ ଖବର କାଗଜରେ ବିଜ୍ଞାପନ ଆଦି ସମସ୍ତ ଖର୍ଚ୍ଚ ବହନ କରିବା ନେଇ ଏକ ସତ୍ୟପାଠ ଦାଖଲ କରିବେ ।

୧୧. ଦରଖାସ୍ତକାରୀ ଦରଖାସ୍ତ ଲଫାପାର ଉପରି ଭାଗରେ ବଡ ଅକ୍ଷରରେ କେଉଁ ସୈରାତ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି, ଆବେଦନକାରୀଙ୍କ ନାମ, ଠିକଣା ଓ ଫୋନ ନମ୍ବର ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ ।

୧୨. ଆବଶ୍ୟକ ସ୍ଥଳେ ଯଦି ସୈରାତ ଉତ୍ସର MGQ ପରିବର୍ତ୍ତନ କରିବା ଆବଶ୍ୟକ ହୁଏ ତେବେ ଦରଖାସ୍ତକାରୀ ସୈରାତ ଉତ୍ସର Revised Mining Planର ସମସ୍ତ ଖର୍ଚ୍ଚ ବାବଦ ମୂଲ୍ୟ ଦେବା ପାଇଁ ସତ୍ୟପାଠ ଦାଖଲ କରିବେ ।

ଦରଖାସ୍ତ ସହିତ ଉପରୋକ୍ତ କାଗଜାତ/ଦସ୍ତାବିଜ ଦାଖଲ କରିନଥିଲେ ତାହା ବିଜ୍ଞାପନ ସର୍ତ୍ତାବଳୀକୁ ପୂରଣ କରୁନାହିଁ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ବୋଲି ବିବେଚନା କରାଯିବ ।

**ବିଶେଷ ସର୍ତ୍ତାବଳୀ:**

୧. ଆବେଦନକାରୀ ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧନ ନିୟମାବଳୀ 2016 OMMC (Amendment) Rules-2016 ଏବଂ ତହସିଲ ହିସାବ ପ୍ରକରଣ ପୁସ୍ତିକା Manual of Tahasil Accountsର ପରିସରଭୁକ୍ତ ରହିବେ ।

୨. ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ (Additional Charges) ବାବଦକୁ ସର୍ବୋଚ୍ଚ ମୂଲ୍ୟ ଦାଖଲ କରିଥିବା ନିଲାମଧାରୀ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ଯଦି ଏକରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜଧାରୀ ଚୟନ କରାଯିବ ।

୩. ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ମନୋନୟନର ୭(ସାତ) ଦିନ ମଧ୍ୟରେ ପ୍ରାଧିକୃତ ଅଧିକାରୀ ଦ୍ୱାରା ନିର୍ଦ୍ଧାରିତ ଫର୍ମ-F ରେ ଜଣାଇଦିଆଯିବ । ସୂଚନା ପାଇବାର ୧୫ ଦିନ ମଧ୍ୟରେ ମନୋନୀତ ଆବେଦନକାରୀ ସର୍ତ୍ତାବଳୀର ସମ୍ମତି ପ୍ରଦାନ କରିବେ ଏବଂ ତତ୍ ସଙ୍ଗେ ସଙ୍ଗେ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ଦରଖାସ୍ତରେ ଦର୍ଶାଇଥିବା ବାର୍ଷିକ ଅତିରିକ୍ତ ଦେୟ ଓ ରୋୟାଲିଟି ପରିମାଣର ଏକ ଚତୁର୍ଥାଂଶ ସହିତ ଜିଲ୍ଲା ଖଣିଜ ପାଣ୍ଠି ବାବଦକୁ ଥିବା ଦେୟରୁ କୁ Earnest Money ବାଦ ଦେଇ ବଳକାଥିବା ରାଶି ଜମା କରିବେ । ଯାହାକି ବିନା ସୁଧରେ ଅମାନତ (Security Deposit) ଆକାରରେ ରହିବ । ଯଦି ମନୋନୀତ ବ୍ୟକ୍ତି ୧୫ ଦିନ ମଧ୍ୟରେ ସମ୍ମତି ନଦିଅନ୍ତି କିମ୍ବା ଉକ୍ତ ଅମାନତ ରାଶି ଜମା ନ କରନ୍ତି, ତେବେ ୨ୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

୪. ଲିଜଧାରୀଙ୍କୁ ଜମା ଦେୟ ଯଥା Royalty, Dead Rent, Surface Rent, Additional Charge, DMFର ତଥା ଅନ୍ୟାନ୍ୟ ଦେୟର ୨% ଆୟକର (TDS) ବାବଦକୁ ଚାଲାଣ ଆକାରରେ ଏବଂ ୧୦ ଜିଲ୍ଲା ଖଣିଜ ପାଣ୍ଠି (DMF) ଓ ଶତକଡ଼ା ୫% ପରିବେଶ ପରିଚାଳନା ପାଣ୍ଠିକୁ (EMF) ଧାର୍ଯ୍ୟ ମୂଲ୍ୟର ନିର୍ଦ୍ଧାରିତ ଦେୟ ପଇଠ କରିବାକୁ ପଡିବ ।

୫. ଯଦି ଯୋଗ୍ୟ ବିବେଚିତ ବ୍ୟକ୍ତି ଚୁକ୍ତି ସମ୍ପାଦନ ପୂର୍ବରୁ ମୂଲ୍ୟ ଜମା ନକରନ୍ତି ତେବେ ତାଙ୍କର ଘଷଉ ବ୍ୟାହାପ୍ତି ହେବ ।

୬. ଲିଜ ପାଇଁ ଆବେଦନ କରିବା ପୂର୍ବରୁ ଇସ୍ତାହାରରେ ଦର୍ଶିତ ଲଘୁ ଖଣିଜ ଖାଦନର ପରିଦର୍ଶନ କରି ସେଠାର ପରିଚାଳନା ପାଇଁ ଗମନା ଗମନର ସୁବିଧା, ସଞ୍ଚିତ ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସୁଯୋଗ ସମ୍ପର୍କରେ ପର୍ଯ୍ୟବେକ୍ଷଣ କରିବା ପରେ ଲିଜରେ ଅଂଶ ଗ୍ରହଣ କରିବେ । ଲିଜ ନେବା ପରେ ସେଠାର ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବନାହିଁ, କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୭. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୮. ଲିଜଧାରୀ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬ (OMMC Rules, 2016) ଓ (ସଂଶୋଧନ) ଆଇନ-୨୦୧୮ ଏବଂ ୨୦୨୨ (OMMC Ammendment Rules, 2018 & 2022) ର ସମସ୍ତ ସର୍ତ୍ତାବଳିକୁ ପାଳନ କରିବାକୁ ବାଧ୍ୟ । ଯଦି ନିଲାମଧାରୀ/ଲିଜଧାରୀ ବର୍ଷର ଦେୟ ଦେବାରେ ଖିଲାପ କରନ୍ତି, ତେବେ OMMC Rule ଅନୁଯାୟୀ ତାଙ୍କର ଚୁକ୍ତି ଅନୁମତି ପତ୍ର ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଅଛି ।

୯. ପଥର ଖଣି ପାଇଁ ସର୍ବ ନିମ୍ନ ସରକାରୀ ରୟାଲିଟି ମୂଲ୍ୟ ଘନ ମିଟର ପ୍ରତି ୧୩୦.୦୦ ଟଙ୍କା ଓ ସର୍ବନିମ୍ନ ଅତିରିକ୍ତ ଦେୟ ମୂଲ୍ୟ ଘନ ମିଟର ପ୍ରତି ୧୨୦.୦୦ ଟଙ୍କା ଧାର୍ଯ୍ୟ କରାଯାଇଅଛି ।

୧୦. ବାଲି ଘାଟ ପାଇଁ ସର୍ବ ନିମ୍ନ ସରକାରୀ ରୟାଲିଟି ମୂଲ୍ୟ ଘନ ମିଟର ପ୍ରତି ୩୫.୦୦ ଟଙ୍କା ଓ ସର୍ବନିମ୍ନ ଅତିରିକ୍ତ ଦେୟ ମୂଲ୍ୟ ଘନ ମିଟର ପ୍ରତି ୨୫୦.୦୦ ଟଙ୍କା ଧାର୍ଯ୍ୟ କରାଯାଇଅଛି ।

୧୧. ସରକାରୀ ଭାବେ ଘନ ମିଟର ପ୍ରତି ଧାର୍ଯ୍ୟ ସର୍ବ ନିମ୍ନ ଅତିରିକ୍ତ ଦେୟ (Minimum Additional Charge) ଦର ଠାରୁ କମ ଦରରେ ଦରଖାସ୍ତ କରିଥିବା ବ୍ୟକ୍ତି କିମ୍ବା ଆବଶ୍ୟକୀୟ ଦଲିଲ ସଂଲଗ୍ନ ନ କରିଥିବା ଦରଖାସ୍ତକାରୀଙ୍କ ଦରଖାସ୍ତ ଖାରଜ କରି ଦିଆଯିବ ।

୧୨. ଯଦି କୌଣସି ଉତ୍ସ ନିମନ୍ତେ କେବଳ ଗୋଟିଏ (୧) ମାତ୍ର ଦରଖାସ୍ତ ଗ୍ରହଣ ହୋଇଥିବ, ତେବେ ସେହି ଉତ୍ସ ପାଇଁ ଉକ୍ତ ଦିନ ନିଲାମ କରାଯିବ ନାହିଁ । ବିଜ୍ଞାପନରେ ଉଲ୍ଲେଖିତ ପରବର୍ତ୍ତି ତାରିଖରେ ନିଲାମ କାର୍ଯ୍ୟ ସମ୍ପାଦିତ କରାଯିବ କିମ୍ବା ପୁନର୍ବାର ବିଜ୍ଞାପନ ପ୍ରକାଶ କରାଯିବ ।

୧୩. ଲିଜଧାରୀ Mines Act-1952 ଓ Explosive Act-1884 ର ସମସ୍ତ ନିୟମ ଓ ନିୟମାବଳୀର ପରିସରଭୁକ୍ତ ରହିବେ ।

୧୪. ଲିଜ ଚୁକ୍ତି ସମ୍ପାଦନା ପରେ ଧାର୍ଯ୍ୟ ଅବଧି ଶେଷ ମଧ୍ୟରେ ଯଦି ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ଥିରୀକୃତ ଅନୁସୂଚୀ-୨ (Schedule-II) ରେ ଉଲ୍ଲିଖିତ ଲଘୁଖଣିଜ ଦ୍ରବ୍ୟର ଦର ବୃଦ୍ଧି ଘଟେ ତା ହେଲେ ଲିଜଧାରୀ ବର୍ଦ୍ଧିତ ଦର ଅନୁଯାୟୀ ରୟାଲଟି ଦର ବୃଦ୍ଧି ତାରିଖ ଠାରୁ ପଇଠ କରିବେ । ଯଦି ଚୁକ୍ତି ପତ୍ର ସମ୍ପାଦନା ଅବଧି ଭିତରେ କୌଣସି ବୃଦ୍ଧି ଘଟିଥାଏ ତେବେ ଏହା ତାଙ୍କ ପାଇଁ ମଧ୍ୟ ଲାଗୁ ହେବ ।

୧୫. ଲିଜ ପ୍ରଦାନ ପରେ ସୈରାତ ଉତ୍ସର କ୍ଷେତ୍ର ପରିବର୍ତ୍ତନ କରାଯାଇ ପାରିବ ନାହିଁ ।

୧୬. ସର୍ବୋଚ୍ଚ ଦରରେ ଅତିରିକ୍ତ ଦେୟ ଦାଖଲ ପାଇଁ ଆବେଦନ କରିଥିବା ଲିଜଧାରୀ ଯଦି ସମସ୍ତ ଦେୟ ଟଙ୍କା ଜମା କରିବାପରେ ବା ଲିଜ ଚୁକ୍ତିନାମା ସମ୍ପାଦନା କରିବାପରେ ମୃତ୍ୟୁବରଣ କରନ୍ତି ତେବେ ଉକ୍ତ ଜମା ଚୁକ୍ତିନାମା ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଦ୍ୱାରା ସମ୍ପାଦିତ ହୋଇଛି ବୋଲି ଧରି ନିଆଯିବ ।

୧୭. ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଓ ସମ୍ମୁଖ ଭାଗରେ ପ୍ରତିଫଳକ ବୋର୍ଡ (Display Board) ତିଆରି ସେଥିରେ ସୈରାତଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ସମ୍ପାଦନ ଲିଜଧାରୀ ନିଜ ଖର୍ଚ୍ଚରେ କରିବେ । ଲିଜଧାରୀ ନିଜ ଦାୟିତ୍ୱରେ ପରିବହନ ପରିଚାଳନା ଯୋଜନା କାର୍ଯ୍ୟକାରୀ କରିବେ ।

୧୮. ଯଦି ଏହି ସୈରାତ ଉତ୍ସର Mining Plan ଓ ଅନୁମୋଦନ ପରିବେଶ ମଞ୍ଜୁରୀ (Environmental Clearance) କ୍ଷମତାପନ୍ନ ଅଧିକାରୀଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥାଏ ତେବେ ଉକ୍ତ ସମ୍ବନ୍ଧୀୟ ସମସ୍ତ ଖର୍ଚ୍ଚ ରାଶି ଲିଜଧାରୀ ବହନ କରିବେ । ଯଦି ଏହି କାର୍ଯ୍ୟ କରାଯାଇନଥାଏ ତେବେ ଲିଜଧାରୀ ଲିଜ ରାଜିନାମା (Lease Deed) ପରେ ପରିବେଶ ମଞ୍ଜୁରୀ ପ୍ରାପ୍ତ ଅନୁମୋଦନ (E.C.) କରାଇ ଉତ୍ସ ପରିଚାଳନା କରିବାକୁ ଯୋଗ୍ୟ ହେବେ । ଏହା ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ବିଜ୍ଞପ୍ତି ସଂଖ୍ୟା ଏସଓ 1533/Dtd.14.09.2006 ଅନୁଯାୟୀ ଉତ୍ସ ପରିଚାଳନା ପାଇଁ ବାଧ୍ୟତାମୂଳକ ଅଟେ ।

୧୯. Mining Plan ରେ ଦର୍ଶାଯାଇଥିବା ବାର୍ଷିକ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନର ପରିମାଣ ତଥା ଲିଜଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ଦେୟ (Minimum Guaranteed Quantity x Royalty + Addl. Charge) ତାହା ସହ ଅନ୍ୟାନ୍ୟ ସରକାରୀ ଦେୟ ପଇଠ କରିବେ । ସମ୍ପୂର୍ଣ୍ଣ ରାଶି ପଇଠ ହେବା ପରେ ଲିଜଧାରୀ Odisha Registration Act.1908 & Stamp Act.-1899 ଅନୁଯାୟୀ ଆବଶ୍ୟକ ଚୁକ୍ତିପତ୍ର (Lease Deed) ନିଜ ଖର୍ଚ୍ଚରେ ସମ୍ପାଦନ କରିବେ । Environment Clearance ତଥା ଖଣି ପରିଚାଳନା ପାଇଁ Pollution Control Board ଙ୍କ ଠାରୁ CTO & CTE ନିଜ ଖର୍ଚ୍ଚରେ ଆଣି ଦାଖଲ କରିବେ ।

୧୦. ଲିଜଧାରୀ ପ୍ରତିବର୍ଷ ପ୍ରଚଳିତ ଆଇନ ଅନୁଯାୟୀ ସରକାରୀଙ୍କ ଧାର୍ଯ୍ୟ କରାଯାଇଥିବା ଏବଂ ଲିଜ ମାଧ୍ୟମରେ ଅନୁବନ୍ଧିତ ଦେୟ ସମୟ ମଧ୍ୟରେ ପଇଠ କରିବେ, ନଚେତ ଏହା ଲିଜ ସର୍ତ୍ତାବଳୀର ଅବମାନନା ବୋଲି ଧରାଯିବ ଏବଂ ନିୟମକାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

୧୧. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲା ପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ (CTO) ନ ମିଳିବ । ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ପଦାର୍ଥ ଉଠାଇ ପାରିବେ ନାହିଁ ।

୧୨. ନିଲାମଧାରୀ ଉତ୍ତୋଳିତ ଲଘୁ ଖଣିଜ ଦ୍ରବ୍ୟକୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ବିନା ଅନୁମତିରେ ରାଜ୍ୟ ବାହାରକୁ ଚାଲାଣ କରିପାରିବେ ନାହିଁ ।

୧୩. ଲିଜଧାରୀ ଏକ ସ୍ୱତନ୍ତ୍ର ରେଜିଷ୍ଟରରେ ପ୍ରତ୍ୟେକ ଦିନ ଉତ୍ତୋଳନ ଓ ପରିବହନ ହେଉଥିବା ଲଘୁ ଖଣିଜ ଦ୍ରବ୍ୟ ହିସାବ ଲିପିବଦ୍ଧ କରିବା ସହିତ ପଦାର୍ଥ ଉତ୍ତୋଳନ ଓ ପରିବହନର ତ୍ରୟମାସିକ ଓ ବାର୍ଷିକ ହିସାବ ଏହି କାର୍ଯ୍ୟାଳୟରେ ଦାଖଲ କରିବେ ।

୧୪. ଲିଜର ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ଓ ରୟାଲଟି ସହ ସର୍ବାଧିକ ଅତିରିକ୍ତ ଦେୟ ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ଲିଜ ଦିଆଯିବ ।

୧୫. ସମ୍ବାଦ ପତ୍ରରେ ଉକ୍ତ ସୈରାତର ନିଲାମ ସମ୍ବନ୍ଧୀୟ ଯେଉଁଥିରା ବିଜ୍ଞପ୍ତି ପ୍ରକାଶିତ ହୋଇଅଛି, ତାର ପ୍ରକାଶନର ସମସ୍ତ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

୧୬. ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀ ତଥା କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ରହିଛି ।

୧୭. କୌଣସି କାରଣ ନ ଦର୍ଶାଇ ନିଲାମ ପରିବର୍ତ୍ତନ ତଥା ବାତିଲ କରିବା କ୍ଷମତା ନିମ୍ନ ସ୍ୱାକ୍ଷରକାରୀ ତଥା କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ, ଗଜପତିଙ୍କୁ ରହିଛି ।

୧୮. ସୈରାତ ଉତ୍ସ ଓ ନିଲାମ ନିମନ୍ତେ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ଏବଂ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ୱେବସାଇଟ www.gajapati.nic.in ରେ ଉପଲବ୍ଧ ହେବ ।

## ସୈରାତ ଉତ୍ସ(ଲଘୁ ଖଣିଜ ଦ୍ରବ୍ୟ) ଗୁଡିକର ବିବରଣୀ

| କ୍ର. ନଂ | ସୈରାତ ଉତ୍ସଗୁଡିକର ନାମ | ନିକଟସ୍ଥ ମୌଜାର ନାମ | ଖତା ନଂ | [illegible] ପ୍ଲଟ ନଂ | MGQ per year in Cum | ସମ୍ପୃକ୍ତ ପ୍ଲଟର ରକବା | ଲଘୁ ଖଣିଜ ପଦାର୍ଥର ଧାର୍ଯ୍ୟ ରୟାଲଟି ପ୍ରତି ଘନ ମିଟର | ଲଘୁ ଖଣିଜ ପଦାର୍ଥର ଧାର୍ଯ୍ୟ ଅତିରିକ୍ତ ଦେୟ ପ୍ରତି ଘନ ମିଟର | ଜମାନତ ଅର୍ଥ ରାଶି |
|---|---|---|---|---|---|---|---|---|---|
| ୧ | ୨ | ୪ | ୫ | ୬ | | ୭ | ୮ | ୯ | ୧୦ |
| ୧. | ଲିଙ୍ଗିପୁର ପଥରଖାଦାନ-୧ | ଲିଙ୍ଗିପୁର | 159 | 650 | 4000 | ୬୯.୪.୦୪୬ | Rs.130/- | Rs.120/- | Rs.50000/- |
| ୨. | ଲିଙ୍ଗିପୁର ପଥରଖାଦାନ-୨ | ଲିଙ୍ଗିପୁର | 159 | 711 | 4000 | ୬୯.୩୮୨୭ | Rs.130/- | Rs.120/- | Rs.50000/- |
| ୩. | [illegible] | [illegible] | 246 | 482 115/1355 | 5400 | ୬୧.୮୭୦୦ | Rs.35/- | Rs.250/- | Rs.76950/- |

ତହସିଲଦାର, ପାରଳାଖେମୁଣ୍ଡି

ପରିପତ୍ର ସଂଖ୍ୟା. 4174/ ସଇରବ　　　　　　ତାରିଖ.23/୦୯/୨୦୨୨

ଏହାର ଏକକିତା ନକଲ ସମସ୍ତ ରାଜସ୍ୱ ନୀରିକ୍ଷକଙ୍କୁ ପ୍ରେରଣ କରାଗଲା ଏବଂ ସେମାନଙ୍କୁ ନିର୍ଦ୍ଦେଶ କରାଗଲାଯେ ସେମାନେ ଏହି ବିଜ୍ଞାପନର ଏକକିତା ନକଲ ନିଜ ନିଜ କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ ଲଟକାଇବେ. ଅନ୍ୟ ଏକକିତା ନକଲ ମଣ୍ଡଳର ସମସ୍ତ ଗ୍ରାମରେ ଢେଣ୍ଢୁରା ମାଧ୍ୟମରେ ବହୁଳଭାବେ ପ୍ରଚାର କରି ତୃତୀୟ କିତା ନକଲରେ ସମସ୍ତ ବିବରଣୀ ଦର୍ଶାଇ ସେରାଡ ଉପ୍ର ଗୁଡିକର ନକ୍ସା ତିଆରି କରି ନିମ୍ନ ସ୍ୱାକ୍ଷରକାରୀଙ୍କୁ ଧାର୍ଯ୍ୟ ତାରିଖ ପୂର୍ବରୁ ପ୍ରେରଣ କରିବେ ।

ତହସିଲଦାର, ପାରଳାଖେମୁଣ୍ଡି

ପରିପତ୍ର ସଂଖ୍ୟା. 4175/ ସଇରବ　　　　　　ତାରିଖ.23/୦୯/୨୦୨୨

ଏହାର ଏକକିତା ନକଲ ଜିଲ୍ଲାପାଳ, ଗଜପତି/ଉପ-ଜିଲ୍ଲାପାଳ, ପାରଳାଖେମୁଣ୍ଡି/ ଗୋଷ୍ଠି ଉନ୍ନୟନ ଅଧିକାରୀ, ଗୋସାଣୀ/ ସହମୁ ତହସିଲଦାର, ଗଜପତି/କାର୍ଯ୍ୟନିର୍ବାହୀ ଅଧିକାରୀ ପାରଳାଖେମୁଣ୍ଡି ପୌରପାଳିକା/ଗୋସାଣୀ ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚମାନଙ୍କୁ ତାଙ୍କ କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ ସର୍ବସାଧାରଣଙ୍କ ଗୋଚରା ଅର୍ଥେ ଲଟକାଇବା ପାଇଁ ପ୍ରେରଣ କରାଗଲା ।

ତହସିଲଦାର, ପାରଳାଖେମୁଣ୍ଡି

ପରିପତ୍ର ସଂଖ୍ୟା. 4176/ ସଇରବ　　　　　　ତାରିଖ.23/୦୯/୨୦୨୨

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଗଜପତିଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରାଗଲା । ଏହି ସଂପତ୍ତିଆଦି ଲାଭ ନିମନ୍ତେ ନିଲାମ ଇସ୍ତାହାରକୁ ଦୁଇଗୋଟି ପ୍ରମୁଖ ଆଞ୍ଚଳିକ ସମ୍ବାଦପତ୍ରରେ ବିଜ୍ଞାପନ ଦେବାକୁ ବିଶେଷ ଅନୁରୋଧ ଓ ଏହି ସମ୍ବନ୍ଧରେ ବିଜ୍ଞାପନ ଖର୍ଚ୍ଚ ସଂପୃକ୍ତ ବିଭାଗକୁ ପଠାଇବେ ।

ତହସିଲଦାର, ପାରଳାଖେମୁଣ୍ଡି

ପରିପତ୍ର ସଂଖ୍ୟା. 4177 / ସଇରବ　　　　　　ତାରିଖ.23/୦୯/୨୦୨୨

ଏହାର ଏକକିତା ନକଲ **D.I.O., NIC**, ଗଜପତିଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ଏହି ନିଲାମ ଇସ୍ତାହାରକୁ **www.gajapati.nic.in**ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ **Upload** କରିବାକୁ ବିଶେଷ ଅନୁରୋଧ ।

ତହସିଲଦାର, ପାରଳାଖେମୁଣ୍ଡି

## FORM – M

## Application for grant of Quarry Lease

### [See rule 27 (4) ]

Dated the ..............20...............

To,

..........................................................................................

..........................................................................................

Sir,

1. I/We Submit an application for a quarry lease for ......................(mineral) for a term of ........................ years over .................................. Hectares of land in the area specified in the Annexure given below
2. A Sum of Rs... (rupees.............................................................. only) (non-refundable) payable as fee grant of such lease under Sub-rule (4) of rule 27 Odisha Minor Mineral Concession Rules, 20......... has been paid in the Government Treasury at .................................................. and a receipted challan bearing No._____ dated____________ is enclosed.
3. The required particulars are given below -
   i) An affidavit stating that no mining due payable under the Act and Rules made there under is outstanding against the applicant.
   ii) Where land belongs to private persons, consent of all such persons for grant of quarry lease.
   iii) Solvency certificate and list of immovable property from the Revenue Authority.
4. i) Name and address of the applicant:
   ii) Nationality of the applicant:
   iii) Profession of the applicant
   iv) Particulars of the areas, mineral wise, within the State for which the applicant or any person having joint interest with him.............................................
      a) Already holds a quarry lease..................................................
      b) Has already applied for a quarry lease but not granted..................................
      c) Being applied for simultaneously..............................................
      d) Nature of joint interest, if any.................................................
   v) Means by which the minor minerals is/are to be raised, i.e. whether manual or mechanical..........................................
   vi) Manner in which the minor mineral raised is to be utilized:
      a) For manufacture.......................................
      b) For sale...............................................
      c) Any other purpose.........................................................
   vii) Details of the plan boundary description and land schedule of the area applied for to be enclosed
   viii) Has the applicant any previous experience in quarry/mining ? If yes, details should be given..........................................................................................
   ix) Financial Resources of the applicant.
      a) ..........................
      b) ..........................
   x) Total investment in the operation anticipated..................................
   xi) Any other particulars which the applicant wishes to furnish:

A) Name of the Village/Forest Block

B) Whether the area belongs to Scheduled Area.

C) Details of the area applied for in each Survey Number

D) Full description of the area applied for with regard to nature features

E) District:

5. Rate of additional charged (per cubic meter) quoted-

N.B. The application shall be summarily rejected if the rate of additional charge quoted is less than the rate of additional charge specified in the notification.

I /We hereby declare that the particulars furnished above are correct and undertake to furnish any other details, plan etc., as may be required by you.

**Place:** **Yours faithfully,**

**Date:**

**Signature of the applicant**

**N.B: If the application is signed by an authorized agent of the applicant, the power-of attorney should be attached.**